# ଚକବନ୍ଦୀ ଉଚ୍ଛେଦ ଦାବିରେ ଗଣଧାରଣା

ଅନୁଗୋଳ, ୧୭।୧୧ (ଅମିତ କୁମାର ସାମଲ)

ଚକବନ୍ଦୀ ଉଚ୍ଛେଦ ଦାବିରେ ଚାଷୀ ସୁରକ୍ଷା କମିଟି ଅନୁଗୋଳ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସରକାର ଯଦି ଚକବନ୍ଦୀ ଉଚ୍ଛେଦ ପାଇଁ ଟାଳଟୁଳ ନୀତି ଆପଣନ୍ତି ତା'ହେଲେ ଚାଷୀମାନେ ଆନ୍ଦୋଳନ କରିବା ପାଇଁ ଏଥିରେ ପ୍ରସ୍ତାବ ଗ୍ରହଣ କରିଛନ୍ତି। କମିଟି ପକ୍ଷରୁ କୁହାଯାଇଛି, ଗଣତାନ୍ତ୍ରିକ ପଦ୍ଧତିରେ ଏ ଆନ୍ଦୋଳନ ଆଗେଇ ଚାଲିବ। ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଭାପତି ପ୍ରଦୀପ କୁମାର ପ୍ରଧାନ ପ୍ରକାଶ କରିଛନ୍ତି। ଏହି ଗଣଧାରଣାକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତରୁଣ କୁମାର ଦେହୁରୀ, ପୂର୍ବତନ ମନ୍ତ୍ରୀ ଭଜମନ ବେହେରା, କଂଗ୍ରେସ ମହିଳା ମୋର୍ଚ୍ଚା ସଭାପତି ସସ୍ମିତା ବେହେରା, ଅନୁଗୋଳ ବାର୍ ଆସୋସିଏଶନ୍ ପୂର୍ବତନ ସଭାପତି ଦିଲୀପ କୁମାର ଦାସ, ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମର୍ଥନ କରି ବକ୍ତବ୍ୟ ପ୍ରଦାନ କରିଥିଲେ।

# ବିକାଶରେ ସହଯୋଗ କରିବାକୁ ପରାମର୍ଶ




ଜିଲା ପରିଷଦର ୬ଷ୍ଠ ସାଧାରଣ ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

## ଜିଲା ପରିଷଦ ସାଧାରଣ ବୈଠକ

ଢେଙ୍କାନାଳ, ୧୭।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲା ପରିଷଦର ୬ଷ୍ଠ ସାଧାରଣ ବୈଠକ ସଭାପତି ଅର୍ଚ୍ଚନା ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଇସ୍ପାତ, ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ପରଜଙ୍ଗ ବିଧାୟକ ନୃସିଂହ ଚରଣ ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ବିକାଶ ଦିଗରେ ଜିଲା ପରିଷଦର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଲୋକ ପ୍ରତିନିଧି ସକାରାତ୍ମକ ଚିନ୍ତାଧାରା ମଧ୍ୟରେ ସହଯୋଗ ମନୋବୃତ୍ତି ରଖି କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିକାଶ କାର୍ଯ୍ୟରେ ସମସ୍ୟା ଉପୁଜିଲେ ସମାଧାନ ନିମନ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଜିଲାପାଳ ମନୋରଞ୍ଜନ ମଲ୍ଲିକ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ମାଧ୍ୟମିକ ଅଭିଯାନ ଏବଂ ଶିକ୍ଷକ ଶିକ୍ଷା ଯୋଜନାରେ ଛାତ୍ରୀଛାତ୍ରମାନଙ୍କୁ ପୁସ୍ତକ, ଜୋତା, ମୋଜା, ସାଇକେଲ ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ, ଆଶ୍ରମ ସ୍କୁଲରେ ପିଲାମାନଙ୍କ ପାଇଁ ଉତ୍ତମ ଖାଦ୍ୟପେୟ ବ୍ୟବସ୍ଥା, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣର ଅଗ୍ରଗତି, ଆଉ ୧୧ ଆମ୍ବୁଲାନ୍ସ ଯୋଗାଣ, ଡାକ୍ତର ନିଯୁକ୍ତି, ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନାର କାର୍ଯ୍ୟକାରିତା, ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ, ଜଳଯୋଗାଣ ପଏଣ୍ଟଗୁଡ଼ିକରେ ବିଦ୍ୟୁତ୍ ସରବରାହକୁ ଅଧିକ ବ୍ୟବସ୍ଥିତ କରିବା, ଡିସେମ୍ବର ସୁଦ୍ଧା ନଳକୂଅଗୁଡ଼ିକ କାର୍ଯ୍ୟକ୍ଷମ କରାଇବା, ବିଜୁ ସେତୁ ଯୋଜନାରେ ନିର୍ମାଣ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଏଯାଏ ୭୭, ୧୦, ୯୪୮ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୫୫୨୨ ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୪୦୨୪.୭୩ ଲକ୍ଷ ଟଙ୍କା ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ଦିଆଯାଇଛି। ବିଭିନ୍ନ ଉପାର୍ଜନ ମୂଳକ କାର୍ଯ୍ୟକ୍ରମ ସହିତ ଅନୁଷ୍ଠାନ ଗଠନ ଓ ବିକାଶ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ ଓ ପଞ୍ଚାୟତସ୍ତରୀୟ ମହାସଂଘକୁ ୧୨୩୪.୬୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲା ପରିଷଦର ସମସ୍ତ ସଦସ୍ୟା ସଦସ୍ୟ, ବ୍ଲକ ଚେୟାରମ୍ୟାନ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଯୋଗ ଦେଇଥିଲେ। ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସ ପକ୍ଷରୁ ତୁଳସୀ ଯାତ୍ରା

ଢେଙ୍କାନାଳ, ୧୭।୧୧ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ କାଙ୍କଡପାଳ ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ତୁଳସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଳ୍ପୀଶ୍ରୀ ଘର ଘର ବୁଲି ଲୋକଙ୍କୁ ତୁଳସୀ ପତ୍ର ମାଗିଥିବା ବେଳେ ଲୋକମାନେ ଚଉରାରୁ ତୁଳସୀପତ୍ର ଆଣି ଦେଉଥିବା ଦେଖାଯାଇଥିଲା। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ଜିଲାରେ ତୁଳସୀ ଯାତ୍ରା ଅନୁଷ୍ଠିତ ହେଉଛି। ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାରରେ ଥିବା ରତ୍ନ ଗଣତି ଓ ଏହାର ମରାମତି, ଜଗନ୍ନାଥଙ୍କ ଅମୃତ ମଣୋହି ଓ ଚାଷୀଙ୍କ ଜମି ଫେରସ୍ତ ଆଦି ଦାବିରେ ଏହି ତୁଳସୀ ଯାତ୍ରା ଅନୁଷ୍ଠିତ ହେଉଛି। ବିଭିନ୍ନ ଅଞ୍ଚଳରୁ ତୁଳସୀ ସଂଗ୍ରହ କରାଯାଇ ଏବଂ ନୂଆ ତୁଳସୀ ସହ ଭୁବନେଶ୍ୱରରୁ ପିସିସି ସଭାପତିଙ୍କ ନେତୃତ୍ୱରେ ଆସନ୍ତା ୧ ତାରିଖରେ ବ୍ଲକ, ନଗର, ଜିଲା କଂଗ୍ରେସ ସଭାପତି ଓ ଦଳୀୟ ନେତୃବୃନ୍ଦ ପୁରୀ ଗସ୍ତ କରିବେ।




ତୁଳସୀ ଯାତ୍ରା ଅବସରରେ କଂଗ୍ରେସ ନେତା ଓ କର୍ମୀମାନେ।

# ଖେଳୁଆଡ଼ ମନୋଭାବ ପ୍ରଦର୍ଶନ କର

ଅନୁଗୋଳ, ୧୭।୧୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାସ୍ତରୀୟ କ୍ରିକେଟ୍ ଦଳ ଚୟନ ଶିବିର କିଶୋରନଗର ବ୍ଲକ ରଣିଆକଟାସ୍ଥିତ ଆଦିବାସୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଆରମ୍ଭ ହୋଇଛି। ଆଠମଲ୍ଲିକ ଉପଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଖେଳୁଆଡ଼ ମନୋଭାବ ନେଇ କ୍ରୀଡ଼ା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭିକାରୀ ବନ୍ଧୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଜୟିନୀ ସାହୁ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଭବାନୀ ଶଙ୍କର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ୮ ବ୍ଲକରୁ ଉଭୟ ବାଳିକା ଓ ବାଳକ ବିଭାଗରେ ୧୨୦ ପ୍ରତିଯୋଗୀ, ୧୬ ମ୍ୟାନେଜର, କୋଚ, ୩୦ ଅଫିସିଆଲ ଏଥିରେ ଯୋଗ ଦେଇଛନ୍ତି। ଏହି ପ୍ରତିଯୋଗିତା ୧୮ ତାରିଖ ପର୍ଯ୍ୟନ୍ତ ଆଦର୍ଶ ବିଦ୍ୟାଳୟ ଓ ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରୁ ଅନୁଗୋଳ ଦଳ ଚୟନ କରାଯାଇ ଆଗାମୀ ୨୭ ତାରିଖରେ ସମ୍ବଲପୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ୍ ପ୍ରତିଯୋଗିତାକୁ ପଠାଯିବ। ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ବସନ୍ତ କୁମାର ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ।



ଚୟନ ଶିବିର ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଅନୁଗୋଳ, ୧୭।୧୧ (ଅମିତ କୁମାର ସାମଲ)

ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ 'ନୂଆ -ଓ- ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ-୨୦୨୩' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କର ଉଦ୍‌ଘାଟନ କରିବା ସହ ଯୁବବର୍ଗର ସାମଗ୍ରିକ ବିକାଶରେ କ୍ରୀଡ଼ା, ସଂସ୍କୃତି ଓ ସମାଜସେବାର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ସମ୍ପର୍କରେ ଉପଦେଶ ପ୍ରଦାନ କରିଥିଲେ। ଏହି ଅବସରରେ ସକାଳେ ମହାବିଦ୍ୟାଳୟ ପରିସର ସଫେଇ କରାଯାଇଥିଲା। ଏଥିସହ କବିତା ଆବୃତ୍ତି, ଗଳ୍ପକଥନ, ସର୍ଜନାତ୍ମକ ଲିଖନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ସମସ୍ତ ଛାତ୍ରୀଛାତ୍ର ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ୨୦ ତାରିଖ ଯାଏ ଏହି କାର୍ଯ୍ୟକ୍ରମ ଚାଲିବ। ଡିସେମ୍ବରରେ କ୍ରୀଡ଼ା ପ୍ରତିଯୋଗିତା କରାଯିବ। କାର୍ଯ୍ୟକ୍ରମ ପରିଚାଳନା ପାଇଁ ମୁଖ୍ୟ ସଂଯୋଜକ ଭାବେ ଡ. ମନୋରଞ୍ଜନ ମିଶ୍ର, ସହ ସଂଯୋଜକ ଅଧ୍ୟାପକ ନବୀନ ଧାରୁଆ, ସମାଜସେବା କାର୍ଯ୍ୟକ୍ରମର ସଂଯୋଜକ ଭାବେ ଅଧ୍ୟାପିକା ରୀନା ମାର୍ଣ୍ଡି, ଅଧ୍ୟାପକ ସୂର୍ଯ୍ୟକାନ୍ତ ସ୍ୱାଇଁ ଏବଂ ଶାଶ୍ୱତୀ ଶୁଭଦର୍ଶିନୀ ମଧୁସ୍ମିତା ପଟ୍ଟନାୟକ କାର୍ଯ୍ୟ ନିର୍ବାହ କରୁଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହୁ, ନୀଳାଞ୍ଚଳ ପଟେଲ, ଅଭୟ ମଲ୍ଲିକ, ନାରାୟଣ ନାୟକ, ସୁରେଶ ଚନ୍ଦ୍ର ରାଜହଂସ, ଡ. ବସନ୍ତ ସାହୁ, କ୍ୟାପଟେନ ଡ. ଅଭିମନ୍ୟୁ ଦାସ, ଶରତ ପରିଡ଼ା, ଅଧ୍ୟାପିକା ସୁଲଗ୍ନା ଚୌଧୁରୀ, ସୁଜ୍ଞାନୀ ରଥ ପ୍ରମୁଖଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନିଯୁକ୍ତିରେ ଅଗ୍ରାଧିକାର ଦାବି

ତାଳଚେର, ୧୭।୧୧ (ମନୋଜ ନନ୍ଦ)

ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ବେଆଇନ ନିଯୁକ୍ତିକୁ ବିରୋଧ ଓ ପଞ୍ଚାୟତବାସୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ ଦାବିରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ଜିଏମ୍‌ଙ୍କ କାର୍ଯ୍ୟାଳୟ ଫାଟକ ଆଗରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା। ପଞ୍ଚାୟତବାସୀଙ୍କ କହିବା ଅନୁଯାୟୀ, ପବିତ୍ର ମୋହନ ମେଡିକାଲ କଲେଜ ପାଇଁ ପଞ୍ଚାୟତ ତରଫରୁ ପଲ୍ଲିସଭା ଆୟୋଜନ କରାଯାଇ ୨୦.୦୮ ଏକର ଜମି ଯୋଗାଇ ଦିଆଯାଇଥିଲା। ଏବେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ୨୫୦ରୁ ଅଧିକ ୱାର୍ଡ ଆଟେଣ୍ଡାଣ୍ଟ ଓ ଅନ୍ୟାନ୍ୟ ପଦବୀ ପାଇଁ ଦାୟିତ୍ୱରେ ଥିବା ଉର୍ମିଳା ଇଣ୍ଟର ନ୍ୟାଶନାଲ ସର୍ଭିସେସ ଲିଃ. କର୍ତ୍ତୃପକ୍ଷଙ୍କୁ ଘଣ୍ଟପଡ଼ା ପଞ୍ଚାୟତରୁ ବାୟୋଡାଟା ଓ ଅନ୍ୟାନ୍ୟ କାଗଜପତ୍ର ଦିଆଯାଇଥିଲା। ତେବେ ମିଳିଥିବା ପ୍ରତିଶ୍ରୁତି ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତରୁ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆ ନ ଯାଇ ବାହାର ଅଞ୍ଚଳର ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ଅସତ୍ ଉପାୟରେ ହୋଇଥିବା ଜାଣିବାକୁ ମିଳିଛି। ସେହିପରି ଏମ୍‌ସିଏଲ୍‌ର ବିଭିନ୍ନ ଅନୁଷ୍ଠାନରେ ଠିକାଦାରଙ୍କ ପଞ୍ଚାୟତର ଲୋକମାନଙ୍କୁ ନିଯୁକ୍ତି ଦେବାରେ ଅବହେଳା ପ୍ରଦର୍ଶନ କରାଯାଉଛି। ଏମ୍‌ସିଏଲ୍ ଅଧିକାରୀମାନଙ୍କୁ ପୂର୍ବରୁ ବହୁବାର ଅଭିଯୋଗ କରା ଯାଇଥିଲେ ସୁଦ୍ଧା କର୍ଣ୍ଣପାତ କରାଯାଉ ନ ଥିବାରୁ ଧାରଣା ଦିଆଯାଇଛି। ତେବେ ଏକ ବୈଠକ ଜରିଆରେ ଏ ନେଇ ଆଲୋଚନା କରାଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଛି । ଏହି ଧାରଣା କାର୍ଯ୍ୟକ୍ରମରେ ସରପଞ୍ଚ ସସ୍ମିତା ବିଶ୍ୱାଳ, ସମିତି ସଭ୍ୟ କରୁଣାକର ସାହୁ, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ସାମାଜିକ କର୍ମୀ ବିଭୂତି ସାହୁ, ୱାର୍ଡ ମେମ୍ବର ରାଜୀବ ଦାସ, ବିକାଶ ସାହୁ, ଜିନେସ ସାହୁ, ଶିବାନନ୍ଦ ଥମ୍ବ, ଅମିୟକାନ୍ତ ସାହୁଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇଥିଲେ।

# କୋଇଲା ପରିବହନ ୪ ଘଣ୍ଟା ଅଚଳ

ତାଳଚେର, ୧୭।୧୧ (ମନୋଜ ନନ୍ଦ)

ଅନୁଗୋଳ ଜିଲାରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଟିପିସି, ଏମ୍‌ସିଏଲ୍, ନାଲ୍‌କୋ ଓ ଅନ୍ୟ ଘରୋଇ ସଂସ୍ଥା ତରଫରୁ ସିଏସ୍‌ଆର୍ ଅର୍ଥର ଠିକ୍ ବିନିଯୋଗ କରାଯାଉ ନାହିଁ। ଏଥିସହ ରେଳ ୱାଗନରେ କୋଇଲା ପରିବହନ ବେଳେ ପାଲ ଘୋଡ଼ାଇ ନେବାର ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଯାଉଛି। କମ୍ପାନୀଗୁଡ଼ିକର ଭାରିଯାନ ଚଳାଚଳ କରୁଥିଲାବେଳେ ରାସ୍ତା ନିର୍ମାଣ ଓ ମରାମତି କରିବା ପାଇଁ ଧ୍ୟାନ ଦିଆଯାଉନାହିଁ। ସ୍ଥାନୀୟ ବେକାର ଯୁବତୀ ଯୁବକମାନଙ୍କ ନିଯୁକ୍ତି କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଅଭିଯୋଗ କରିବା ସହ ରେଳ ୱାଗନରେ କୋଇଲା ପରିବହନକୁ ୪ ଘଣ୍ଟା ରୋକିଥିଲେ। ଏମ୍‌ପି ସାହୁଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ, ନିର୍ବାଚିତ ପ୍ରତିନିଧି, ଦଳୀୟ କର୍ମକର୍ତ୍ତାମାନେ ଗୋଡିବନ୍ଧ ଠାରେ ଏନ୍‌ଟିପିସି ରାସ୍ତାକୁ ବନ୍ଦ କରିବା ସହ କର୍ଣ୍ଣପୁର ଓ ଡେରା ଓଭରବ୍ରିଜ୍ ତଳେ ରେଳ ଧାରଣାରେ ବସି ରହି ସକାଳ ୬ଟା ଠାରୁ ୧୦ ଘଟିକା ପର୍ଯ୍ୟନ୍ତ ୱାଗନକୁ ଅଟକାଇ ଥିଲେ। ଫଳରେ ଏନ୍‌ଟିପିସି, ନାଲ୍‌କୋକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ଏହି ପ୍ରତୀକ ଧର୍ମଘଟକୁ ଗୁରୁତ୍ୱ ଦିଆ ନ ଗଲେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ଏମ୍‌ପି ସାହୁ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ତାଳଚେର ସ୍ୱାର୍ଥ ସୁରକ୍ଷା ମଞ୍ଚ ସଭାପତି ମୁରଲୀ ଧର ସାହୁ, ଜିଲା ପରିଷଦ ସଦସ୍ୟା ସତ୍ୟଭାମା ସାହୁ, ରିତାରାଣୀ ଦାସ, ନଗର ସଭାପତି ଆସିଫ ଖାଁ, ବିଜେଡି ନେତା ଗଦାଧର ସାହୁ, ପୂର୍ବତନ ସରପଞ୍ଚ ପଙ୍କଜ ପ୍ରଧାନ, ବିନୋଦ ଲାଲ, ବାବୁନି ସ୍ୱାଇଁ, ତପନ ମହାରଣା, ରୋହିତ ବେହେରା, ପ୍ରକାଶ ସାହୁ, ଶିଳ୍ପନଗରୀ ଠିକା ଶ୍ରମିକ ସଂଘ ସଦସ୍ୟମାନେ ସାମିଲ ହୋଇଥିଲେ।



# ଡିକି ଭାଙ୍ଗି ୩୫ ହଜାର ଲୁଟ୍

ଢେଙ୍କାନାଳ, ୧୭।୧୧ (ରତନ ନାୟାର)

ଢେଙ୍କାନାଳ ସହର ଗଣେଶ ବଜାରଠାରୁ ଶୁକ୍ରବାର ଅପରାହ୍ନ ସାଢେ ୩ଟାରେ ଏକ ସ୍କୁଟି ଡିକିଭାଙ୍ଗି ଦୁର୍ବୃତ୍ତମାନେ ୩୫ ହଜାର ଟଙ୍କା ଲୁଟି ନେଇଛନ୍ତି। ସଦର ଥାନାର ନମିଚିରା ଗ୍ରାମରୁ ପ୍ରମୋଦ ସାହୁ ସ୍ତ୍ରୀଙ୍କ ସହିତ ସହରସ୍ଥିତ ଏକ ବ୍ୟାଙ୍କକୁ ଆସି ୨୦ ହଜାର ଟଙ୍କା ଉଠାଇ ଗାଡ଼ି ଡିକିରେ ଥିବା ୧୫ହଜାର ଟଙ୍କା ସହିତ ରଖିଥିଲେ। ପରେ ଗଣେଶ ବଜାରଠାରେ ଥିବା ଏକ ଡ୍ରେସ୍ ଦୋକାନକୁ ଡ୍ରେସ କିଣିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସ୍କୁଟି ଡିକି ଭାଙ୍ଗି ୩୫ ହଜାର ଟଙ୍କା ଲୁଟି ନେଇ ପଳାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରି ତଦନ୍ତ କରୁଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ-୮୭୨।୨୩ରେ ଏକ ମାମଲା ରୁଜୁ କରାଯାଇଛି।



ଅନୁଗୋଳ ହେମସୁରପଡ଼ା କାଳୀ ପୂଜାର ଭସାଣି ଶୋଭାଯାତ୍ରା ଅବସରରେ କର୍ମକର୍ତ୍ତାମାନେ।

# ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବଇଣ୍ଡା, ୧୭।୧୧ (ପରିକ୍ଷିତ ସାହୁ)

ଗ୍ରାମାଞ୍ଚଳରେ ଅନେକ ସମସ୍ୟା ଲାଗି ରହିଛି। ସେଗୁଡିକ କିଭଳି ସମାଧାନ ହେବ ଓ ସରକାରଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଶୁକ୍ରବାର ବଇଣ୍ଡାରେ ଅସହାୟ ସହାୟତା ସଂଘ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ସଂଘ ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାମଚନ୍ଦ୍ର ପ୍ରଧାନ, ପ୍ରବୀଣ ସାହୁ, ସୁକାନ୍ତ ରଣା, ବାବୁଲା ସାହୁ ପ୍ରମୁଖ ଯୋଗଦେଇ ଜାତୀୟ ପ୍ରେସ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଖବରଦାତା ପରିକ୍ଷିତ ସାହୁ, ବଂଶୀଧର ସେଠୀ, ପ୍ରଶାନ୍ତ ନାୟକ, ଜି ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



# ଖଙ୍କିରାରେ ଛାତ୍ରୀଛାତ୍ରଙ୍କ କାଉନସେଲିଂ

ଢେଙ୍କାନାଳ, ୧୭।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଖଙ୍କିରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ କାଉନସେଲିଂ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମତି ନାଏକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ସିବିଆଇ ସ୍ୱତନ୍ତ୍ର ବିଚାରପତି ଭିକାରୀ ଚରଣ ରାଉତ, ପୂର୍ବତନ ସହକାରୀ ବନ ସଂରକ୍ଷକ ଉପେନ୍ଦ୍ର କୁମାର ରାଉତ, ଆଶା ସ୍ୱେଚ୍ଛାସେବୀ ସଙ୍ଗଠନ ମୁଖ୍ୟ ରଘୁନାଥ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ପନ୍ଥା ଉପରେ ଆଲୋଚନା କରିଥିଲେ। ସମସ୍ତ ପରାମର୍ଶଦାତା ଭାରତୀୟ ପ୍ରଶାସନିକ ଅଧିକାରୀ, ଓଡ଼ିଶା ପ୍ରଶାସନିକ ଅଧିକାରୀ, ଡାକ୍ତର, ଓକିଲ, ବିଚାରପତି, ଶିକ୍ଷକ, ଯନ୍ତ୍ରୀ ଓ ବିଭିନ୍ନ ବିଭାଗରେ କାର୍ଯ୍ୟ କରିବାକୁ ଆବଶ୍ୟକ ଯୋଗ୍ୟତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ।

# ବିଜ୍ଞାନର ଅବଦାନ ସମ୍ପର୍କରେ ଆଲୋକପାତ

ଢେଙ୍କାନାଳ, ୧୭।୧୧ (ରତନ ନାୟାର)

ଢେଙ୍କାନାଳ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଢେଙ୍କାନାଳ ସଦର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସମାଜକୁ ବିଜ୍ଞାନର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଦର ବିଡିଓ ଆୟୁଷୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବାଳିକାମାନେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ କାରିଗରି କୌଶଳରେ ପାରଦର୍ଶିତା ହାସଲ କରି ନିଜ ପରିଚୟ ନିଜେ ସୃଷ୍ଟି କରିବାକୁ ପରାମର୍ଶ ଦେଇଥଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ମାନସ ରଞ୍ଜନ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ଓ ପରିବେଶରେ ପ୍ରତିଟି କାର୍ଯ୍ୟ ସମ୍ପାଦନରେ କିପରି ବିଜ୍ଞାନ,




ସଦର ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଅବସରରେ ମଞ୍ଚାସୀନ ଅତିଥିମାନେ।

ଗଣିତ ଓ ପରିବେଶ ନିହିତ ଅଛି ତାହାର ଯଥାର୍ଥତା ପ୍ରତିପାଦନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୭୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଛାତ୍ର ଓମ୍ ପ୍ରକାଶ ସାହୁ, ତାପସ ମହାପାତ୍ର, ଶୁଭମ୍ ମିଶ୍ର, ଛାତ୍ରୀ ପ୍ରଜ୍ଞାପାରମିତା ରାଉତ ଓ ଅନନ୍ୟା ସାମଲଙ୍କ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିଲା। ଅପରାହ୍ନରେ ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସସ୍ମିତା ସାହୁ ମୁଖ୍ୟ ଅତିଥି, ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡ. ଅନିରୁଦ୍ଧ ଖିଲାର ମୁଖ୍ୟବକ୍ତା, ଏବିଇଓ ଶତ୍ରୁଘ୍ନ ଖଣ୍ଡା ଓ ଭଗବାନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ମଲ୍ଲିକ ଓ ମାନସ କୁମାର ଗଣ୍ଡିଆ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ଦାସ, ରଜନୀକାନ୍ତ ସାହୁ ଓ ଶିକ୍ଷୟିତ୍ରୀ ସୁଶ୍ରୀ ଶୁଭସ୍ମିତା ବେଉରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଏବିଇଓ ଦେବବ୍ରତ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଅସିତ ମିଶ୍ର, ସୁଶାନ୍ତ ପାଢୀ, ବିକାଶ ଜେନା, କାଳନ୍ଦୀ ଦେବତା, ବିଛନ୍ଦ ବେହେରା, ସନ୍ତୋଷ ପଟ୍ଟନାୟକ, ବିଷ୍ଣୁ ମଲ୍ଲିକ ଓ ସଦର ବ୍ଲକର ସମସ୍ତ ସିଆର୍‌ସିସି ପ୍ରମୁଖ ସହଯୋଗ କରିଥିଲେ।

